# ସେଇ ବହିଟି ପାଇଁ

ଡଃ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ଆମେରିକାର ଛୋଟିଆ ଗାଁ ଟିଏ। ନାଁ ତାର ଇଣ୍ଡିଆନା। ସେଇ ଗାଁରେ ଆବ୍ରାହାମ ବୋଲି ପିଲାଟିଏ ଥାଏ। ତା ବାପା ଭାରି ଗରିବ। ଚାଷବାସ କରି ଯାହା ରୋଜଗାର କରନ୍ତି ସେଥିରେଘର ଚଳାଇବାକୁ ଭାରି କଷ୍ଟ ହୁଏ। ତଥାପି ଆବ୍ରାହାମର ବହି ପଢ଼ାରେ ଭାରି ମନ। ନୂଆ ବହିଟିଏ ପାଇଲେ ସେ ସବୁ କାମ ଛାଡ଼ି ଆଗ ସେଇଟି ପଢ଼ିବସେ। ବହିଟି ପଢ଼ା ନ ସରିଲାଯାଏଁ ସେ ନିଜର ଖିଆପିଆ ମଧ୍ୟ ଭୁଲିଯାଏ। ବହି ପଢ଼ିବାଟା ତାର ଗୋଟାଏ ଅଭ୍ୟାସ ହୋଇଯାଇଥିଲା କହିଲେ ଚଳେ। ଯେଉଁଠୁ ଯାହା କିଛି ପଇସା ପାଏ ସେଥିରେ ବହିଟିଏ କିଣି ପକାଏ।

ଦିନକର କଥା। ଆବ୍ରାହାମର ଗୋଟିଏ ସାଙ୍ଗ ପିଲା ତାକୁ ପଚାରିଲା- ଆଚ୍ଛା ଆବ୍ରାହାମ! ତୁ ତ ଏତେ ବହି ପଢୁଛୁ, ଆମ ଦେଶର ପ୍ରଥମ ରାଷ୍ଟ୍ରପତି ଜର୍ଜ ୱାସିଂଟନଙ୍କର ଜୀବନୀ ପଢ଼ିଲୁଣିନା? ଆବ୍ରାହାମ କହିଲା- ନା ଭାଇ! ସେ ବହିଟି ପଢ଼ି ନାହିଁ।



କ'ଣ ଭଲ ବହିଟିଏ ? ସାଙ୍ଗଟି କହିଲା- ଭଲ କଥା କ'ଣ ପଚାରୁଛୁ ? ସେ ବହି ପଢ଼ିନୁମାନେ ତୁ କିଛି ପଢ଼ିନୁ ବୋଲି ବୁଝିବାକୁ ହେବ। ତେଣୁ ଶୀଘ୍ର ସେ ବହିଟା ପଢ଼ି ପକା। ପଢ଼ିସାରିଲା ପରେ ମୋ କଥା ସତ କି ମିଛ ବଳେ ଜାଣିପାରିବୁ।

ଆବ୍ରାହାମ ପଚାରିଲା- ଆଚ୍ଛା ଭାଇ ! ସେ ବହିଟି କେଉଁଠୁ ମିଳିପାରିବ ଜାଣିଛୁ କି? ସାଙ୍ଗଟି କହିଲା- ହଁ ଆମ ସାର୍‌ଙ୍କ ପାଖରେ ସେ ବହିଟି ଅଛି। ତେବେ ସେ ଏହାକୁ କାହାରିକୁ ଦିଅନ୍ତି ନାହିଁ। ତୋତେ ଦେବେ କି ନା କିଏ କହିବ ?

ଏସବୁ କଥା ଶୁଣିଲା ପରେ ଆବ୍ରାହାମ ସିଧାସିଧା ଯାଇ ସେଇ ସାର୍‌ଙ୍କ ଘରେ ପହଞ୍ଚିଲା ଏବଂ ତା ମନ କଥା ଖୋଲି କହିଗଲା। ପିଲାଟିଠାରୁ ସବୁ ଶୁଣିସାରି ସାର୍ କହିଲେ, ହଁ ମୋ ପାଖରେ ସେ ବହିଟି ଅଛି। ପିଲାଟି କହିଲା- ସାର୍ ! ସେ ବହିଟି ପଢ଼ିବାକୁ ମୋର ଭାରି ଆଗ୍ରହ। ଆପଣ ଦୟାକରି କିଛି ଦିନ ପାଇଁ ବହିଟିକୁ ଦେଇପାରିବେ କି ?

ସାର୍ କହିଲେ- ଦେଖ, ମୁଁ ତ କାହାରିକୁ ବହି ଦିଏନି। ତେବେ ତୁମର ବହି ପଢ଼ାରେ ବହୁତ ଆଗ୍ରହ ଏକଥା ଜାଣେ। ତେଣୁ ଯଦି କହୁଛ, ତେବେ ବହିଟିକୁ ମାତ୍ର ଗୋଟିଏ ସପ୍ତାହ ପାଇଁ ଦେଇପାରେ। କିନ୍ତୁ ମନେରଖ ବହିଟିକୁ ଯେଉଁଭଳି ଭାବରେ ନେଉଛ, ଠିକ୍ ସେଇ ଅବସ୍ଥାରେ ଫେରାଇ ଦେବାକୁ ପଡ଼ିବ। ଯଦି ବହିର କିଛି କ୍ଷତି ହୁଏ, ତେବେ ତୁମକୁ ଏ ବହିର ସଂପୂର୍ଣ୍ଣ ଦାମ୍‌ଟା ଦେବାକୁ ପଡ଼ିବ। ଯଦି ଏଇ ସର୍ତ୍ତରେ ରାଜି; ତେବେ ବହିଟିକୁ ନେଇପାର।

ପିଲାଟି କହିଲା- ସାର୍ ! ସପ୍ତାହକ ପୂର୍ବରୁ ମୁଁ ବହିଟି ନିଶ୍ଚୟ ଫେରାଇଦେବି। ଆଉ କଥା ଦେଉଛି ବହିରେ ଟିକିଏ ବି ମଇଳା ଲାଗିବାକୁ ଦେବିନି। ଯେମିତି ନେଉଛି, ଠିକ୍ ସେମିତି ଆଣି ଦେଇଯିବି।

ଏହାପରେ ପିଲାଟି ବହିଟିକୁ ଧରି ଖୁସୀ ମନରେ ଘରକୁ ଫେରିଲା। ଭୋକଶୋଷ ଭୁଲି ବହିଟି ପଢ଼ିବାରେ ଲାଗିଗଲା। ରାତିରେ ସମସ୍ତେ ଶୋଇଗଲା ପରେ ବି ତାକୁ ନିଦ ହେଲାନି। ସେ ବସି ବହି ପଢ଼ିବାରେ ଲାଗିଲା। ବହୁତ ରାତିବେଳକୁ ତା ବାପା ଦେଖିଲେ ପିଲାଟି ବସି ବହି ପଢୁଛି। ତେଣୁ ସେ ଟିକେ ବିରକ୍ତ ହୋଇ କହିଲେ- ଦେଖ୍ ! ରାତି ଆସି ବହୁତ ହେଲାଣି। ତତେ ଏଯାଏ ନିଦ ହେଉନି ? ଏବେ ବହିଟି ରଖି ଶୋଇପଡ଼। ସକାଳେ ଉଠିଲେ ପଢ଼ିବୁ। ବିଚରା ପିଲାଟି ଆଉ କରେ କ'ଣ ? ମନ ନ ଥିଲେ ବି ବାଧ୍ୟ ହୋଇ ବହିଟିକୁ ଝରକା ପାଖରେ ରଖିଦେଇ ଶୋଇ ପଡ଼ିଲା।

ତା'ର ତ ବହି ପଢ଼ାରେ ମନ ଲାଗିଛି। ତେଣୁ ସକାଳୁ ଉଠିଲା ମାତ୍ରେ ବହିଟି ଆଣିବାକୁ ଝରକା ପାଖକୁ ଚାଲିଗଲା। କିନ୍ତୁ ଯାହା ଦେଖିଲା ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ। ରାତିରେ କେତେବେଳେ



ORIYA TEXT BOOK-3

ବର୍ଷା ହୋଇଯାଇଛି ଏବଂ ବର୍ଷା ପାଣିରେ ବହିଟି ପୂରାପୂରି ଓଦା ହୋଇଯାଇଛି। ବହିଟିର ଏ ଅବସ୍ଥା ଦେଖି ପିଲାଟି ଦୁଃଖରେ କାନ୍ଦି ପକାଇଲା। କ'ଣ କହି ସେ ସାର୍‌ଙ୍କୁ ବହି ଫେରାଇବ ! ଯଦି ସେ ବହି ନ ନିଅନ୍ତି, ତେବେ କ'ଣ କରିବ ? ଏଇଆ ହେଲା ତା'ର ଚିନ୍ତା।



ବହୁତ ବିଚାର କରି ସେ ସାର୍‌ଙ୍କ ଘରକୁ ଗଲା। ଆଉ ବହିଟି ଦେଇ ସବୁକଥା କହିଗଲା। ହେଲେ ବହିଟି ନଷ୍ଟ ହୋଇଯାଇଥିବାରୁ ସାର୍ ରାଗରେ କହିଲେ- ଦେଖ୍, ତୁ ବହିଟା ନଷ୍ଟ କରିଛୁ। ଜବାବ ଅନୁସାରେ ନୂଆ ବହିଟିଏ ଦେଇଦେ ନ ହେଲେ ତା'ର ଦାମ୍ ଦେଇଦେ। ପିଲାଟି କହିଲା- ସାର୍, ଦୁଇଓଳି ଭଲକରି ମୁଠାଏ ଖାଇବାକୁ ପାଉନି। ପଇସା କେଉଁଠୁ ପାଇବି ଯେ ବହି କିଣିବି ?

ସାର୍ କହିଲେ- ଯଦି ତୋ ପାଖରେ ପଇସା ନାହିଁ ତେବେ ବହିର ମୂଲ୍ୟ ଶୁଝିଲା ଯାଏଁ ତୁ ମୋର କିଛି କାମ କରିଦେ।

ସାର୍‌ଙ୍କ ଏ କଥାରେ ପିଲାଟି ରାଜି ହୋଇଗଲା। ସାର୍ କହିବା ଅନୁସାରେ ସେ ତାଙ୍କ କ୍ଷେତରେ ତିନି ଦିନ ଯାଏଁ କାମ କଲା। ଶେଷ ଦିନ ସାର୍ କହିଲେ- ଦେଖ୍, ମୋର ବହି ପଇସା ଶୁଝି ଯାଇଛି, ଏବେ ତୁ ସେ ବହିଟି ନେଇଯାଆ। ତିନି ଦିନର କଠିନ ପରିଶ୍ରମ ପିଲାଟିକୁ ଯେତେ ବାଧୁ ନ ଥିଲା, ସାର୍‌ଙ୍କୁ କିପରି ବହିଟି ଫେରାଇବ ସେଇଟା ବଡ଼ ବୋଝ ଭଳି ଲାଗୁଥିଲା। ଏବେ ସେ ବୋଝ ମୁଣ୍ଡରୁ ଓହ୍ଲାଇ ଯାଇଛି। ପୁଣି ତା'ର ଅତିପ୍ରିୟ ବହିଟି ତ ସବୁଦିନ ପାଇଁ ତା ନିଜର ହୋଇଯାଇଛି।

ସେଦିନର ସେଇ ବହି କାଙ୍ଗାଳ ପିଲାଟି ବଡ଼ ହେଲା ପରେ ଆମେରିକାର ରାଷ୍ଟ୍ରପତି ହୋଇଥିଲେ। ଗୋଟାଏ ସାଧାରଣ କୃଷକ ପରିବାରରେ ଜନ୍ମ ହୋଇ ମଧ୍ୟ ନିଜର କଠିନ ପରିଶ୍ରମ ବଳରେ ସେ ଏତେ ବଡ଼ ଆସନର ଅଧିକାରୀ ହୋଇ ପାରିଥିଲେ। ସେ ପିଲାଟି କିଏ ଜାଣ ? ସେ ହେଉଛନ୍ତି ଆମେରିକାର ୧୬ଶ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ।